ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ବିଧାୟକ ସୁବଳ ସାହୁଙ୍କ ବିୟୋଗରେ
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୨ ଅଗଷ୍ଟ, ୨୦୧୭

ବିଧାୟକ ସୁବଳ ସାହୁଙ୍କ ଅଚାନକ ବିୟୋଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ମହାନ୍ତି ସ୍ୱର୍ଗତ ସାହୁଙ୍କୁ ଏକ ସଫଳ ରାଜନେତା ଓ ଦକ୍ଷ ସଂଗଠକ ଭାବରେ ଅଭିହିତ କରିଛନ୍ତି । ଏକ ଲୋକପ୍ରିୟ ଜନନେତା ଭାବରେ ସେ କ୍ରମାଗତ ତିନି ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଧାୟକ ଭାବରେ ନିଜ ଅଞ୍ଚଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହ ଜଡ଼ିତ ରହି ସେ ସାଧାରଣ ଜନତାଙ୍କ ଉନ୍ନତିକଳ୍ପେ ଅନେକ କାର୍ଯ୍ୟ କରିଯାଇଛନ୍ତି । ତାଙ୍କ ବିୟୋଗରେ ରାଜ୍ୟ ଜଣେ ଦକ୍ଷ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ମହାନ୍ତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ମହାନ୍ତି ପରଲୋକଗତ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ତାପସ କୁମାର ଶାହା
ସୂଚନା ଅଧିକାରୀ